# କୋର୍ଟରେ ଚାକିରି କରାଇବା ନାଁରେ ୨୦ ଲକ୍ଷ ଠକେଇ

■ ପତି-ପତ୍ନୀ ଗିରଫ;କାର୍, ଜାଲ ନିଯୁକ୍ତିପତ୍ର ଓ ପରିଚୟପତ୍ର ଜବତ

■ ସନ୍ଦେହ ଘେରରେ କୋର୍ଟ କର୍ମଚାରୀ

ରାଉରକେଲା,୧୧ା୧(ସ.ପ୍ର.): ରାଉରକେଲା ଅଦାଲତରେ ଚାକିରି କରାଇଦେବାକୁ କହି ପ୍ରାୟ ୧୭ଜଣ ବେକାର ଯୁବକ ଯୁବତୀଙ୍କ ଠାରୁ ପ୍ରାୟ ୨୦ଲକ୍ଷ ଟଙ୍କା ଠକି ନେଇଥିବା ପତି-ପତ୍ନୀଙ୍କୁ ଉଦିତ୍‌ନଗର ପୁଲିସ ଗିରଫ କରିଛି । ସେମାନେ ଟିମ୍ବର କଲୋନୀ ଶାନ୍ତି ଭବନ ପାଖରେ ରହୁଥିବା ଲକ୍ଷ୍ମୀ ତନ୍ତୀ(୨୮) ଓ ତାଙ୍କ ସ୍ୱାମୀ ସଂଗ୍ରାମ କୁମାର ସାହୁ ଓରଫ୍ ପିଙ୍କୁ (୩୧) । ସେମାନଙ୍କଠାରୁ ପୁଲିସ ଏକ କାର, ୨ଟି ମୋବାଇଲ ଫୋନ୍, ୧୫ଟି ଜାଲ ନିଯୁକ୍ତିପତ୍ର ଓ ୧୦ଟି ପରିଚୟ ପତ୍ର ଜବତ କରିଛି । କିଛିବର୍ଷ ହେଲା ଲକ୍ଷ୍ମୀ ଓ ତା'ର ସ୍ୱାମୀ ସୁନ୍ଦରଗଡ଼ ଜିଲାରେ ଚାକିରି ନାଁରେ ଗରିବ ଶିକ୍ଷିତ ବେକାର ଯୁବକ, ଯୁବତୀଙ୍କଠାରୁ ଲକ୍ଷାଧିକ ଟଙ୍କା ଠକି ନେଇଛନ୍ତି । ସରକାରୀ ସ୍ୱୟଂଶାସିତ ମହାବିଦ୍ୟାଳୟରେ ଅଧ୍ୟାପକ ଚାକିରି କରାଇଦେବାକୁ କହି ଲକ୍ଷ୍ମୀ ୩୦ଲକ୍ଷ ଟଙ୍କା ଠକି ନେଇଥିଲା । ଏହି ଘଟଣାରେ ବନ୍ଧମୁଣ୍ଡା ପୁଲିସ ତାକୁ ଗିରଫ କରିଥିଲା । ଜେଲରୁ ବାହାରି ପୁଣି ନିଯୁକ୍ତି ର଼ାକେଟ କରି ଠକେଇ କରୁଥିବା ଜୋନ-୨ ଡିଏସ୍‌ପି ନିର୍ମଳ ଚନ୍ଦ୍ର ମହାପାତ୍ର ଆଜି ଉଦିତନଗର ଥାନାରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ସୂଚନା ଦେଇଛନ୍ତି ।

ଲାଲ ବିଲଡିଂ ଅଞ୍ଚଳର ମୂଳବାସିନ୍ଦା ଲକ୍ଷ୍ମୀ ଟିମ୍ବର କଲୋନୀରେ ସଂଗ୍ରାମ ସାହୁଙ୍କୁ ବିବାହ କରିଛି । ଅଳ୍ପ ଶିକ୍ଷିତ ପତି-ପତ୍ନୀ ଠକେଇକୁ ପେଶା ଭାବେ ଗ୍ରହଣ କରି ନେଇଥିଲେ । ସେମାନେ ସୁନ୍ଦରଗଡ଼ ଜିଲାର ହେମଗିରି, କୁତ୍ରା, ରାଜଗାଙ୍ଗପୁର, ବଡ଼ଗାଁଠାରୁ ବହୁ ଦୂରଦୂର ଅଞ୍ଚଳକୁ ଯାଇ ରାଉରକେଲା ଅଦାଲତରେ ଚାକିରି କରାଇ ଦେବାକୁ କହି ଆଦିବାସୀ ଯୁବକ, ଯୁବତୀଙ୍କୁ ପ୍ରଲୋଭନ ଦେଖାଇଥିଲେ । ବିଭିନ୍ନ ଖବରକାଗଜରେ ମିଛ ବିଜ୍ଞାପନ ଦେଖାଇ ମୋଟା ଅଙ୍କର ଦରମା ମିଳିବ ବୋଲି ବୁଝାଇ ଦେଇଥିଲେ । କେତେବେଳେ ଲକ୍ଷ୍ମୀ ତନ୍ତୀ ବଡ଼ ଅଫିସର ତ କେତେବେଳେ ସଂଗ୍ରାମ ବଡ଼ ବାବୁ ବୋଲି ନିଜକୁ ପରିଚୟ ଦେଉଥିଲେ । ବିଭିନ୍ନ କଳକୌଶଳ କରି ୧୬/୧୭ଜଣ ଯୁବକ,ଯୁବତୀଙ୍କୁ ସେମାନେ ଫସେଇ ଦେଇଥିଲେ । ସେମାନଙ୍କଠାରୁ ପ୍ରାୟ ୨୦ଲକ୍ଷ ଟଙ୍କା ଆଦାୟ କରିଥିଲେ । ସେମାନଙ୍କ ମଧ୍ୟରୁ ୧୫/୧୬ ଜଣ ରାଉରକେଲା ଅଦାଲତରେ ଚାକିରି ହୋଇଯାଇଥିବା କହି କିରାଣିଙ୍କଠାରୁ ଆରମ୍ଭ କରି ସେକ୍ସନ ଅଫିସର ପଦ ପାଇଁ ଜାଲ ନିଯୁକ୍ତିପତ୍ର ଧରାଇ ଦେଇଥିଲେ । କେବଳ ସେତିକି ନୁହେଁ ସମସ୍ତଙ୍କୁ ବିଚାର ବିଭାଗର ଲୋଗୋ ଥିବା ପରିଚୟପତ୍ର ଦେଇଥିଲେ । ଆଶାୟୀ ନିଯୁକ୍ତିପତ୍ର ଧରି ଅଦାଲତରେ ପହଞ୍ଚିଲା ପରେ ଠକେଇର ଶିକାର ହୋଇଥିବା ଜାଣିପାରିଥିଲେ । ହେମଗିରି ବ୍ଲକର କୁଣ୍ଡଗାଁର ଅମର ବନଛୋର(୩୧), ଗୁପ୍ତେଶ୍ୱର ଦୁରିଆ ଓ ରାଜଗାଙ୍ଗପୁର ଅନ୍ତର୍ଗତ ସମଲେଇମୁଣ୍ଡର ତେଜଲୀନା ସଏ (୨୫) ତିନିଜଣ ଉଦିତନଗର ଥାନାରେ ଏତଲା ଦେଇଥିଲେ । ପୁଲିସ ମାମଲା ରୁଜୁ କରି ତଦନ୍ତ କରୁଥିଲା । ଏସ୍‌ପି ନୀତେଶ ୱାଧୱାନୀଙ୍କ ନିର୍ଦ୍ଦେଶକ୍ରମେ ଟିମ୍ ଗଠନ କରାଯାଇ ଅଭିଯୁକ୍ତ ଦମ୍ପତିଙ୍କୁ ଧରିବାକୁ ଯୋଜନା କରାଯାଇଥିଲା । ଗତକାଲି ଦୁହେଁ ଧରାପଡ଼ିଥିଲେ । ସେମାନଙ୍କୁ ଜେରା ବେଳେ ଠକେଇରେ ସମ୍ପୃକ୍ତ ଥିବା ସ୍ୱୀକାର କରିଥିଲେ । ସେମାନଙ୍କଠାରୁ କାର୍ ସମେତ ବିଭିନ୍ନ ନକଲି ନିଯୁକ୍ତିପତ୍ର ଓ ପରିଚୟପତ୍ର ଜବତ କରାଯାଇଛି ବୋଲି ଡିଏସ୍‌ପି ଶ୍ରୀ ମହାପାତ୍ର କହିଥିଲେ । ସୁନ୍ଦରଗଡ଼ ଜିଲା ସାରା ସେମାନେ ନିଯୁକ୍ତି ଦେବା ନାଁରେ ବହୁ ଲୋକଙ୍କୁ ଠକିଛନ୍ତି । ଅଭିଯୋଗ ଆସିଲେ ପୁଣି ମାମଲା ରୁଜୁ କରାଯିବ ବୋଲି ଶ୍ରୀ ମହାପାତ୍ର କହିଛନ୍ତି । ପ୍ରାୟ ଦୁଇବର୍ଷ ତଳେ ବନ୍ଧମୁଣ୍ଡା ଅଞ୍ଚଳର ସୋମିତା ତନ୍ତୀ ନାମକ ଜଣେ ପିଜି ଛାତ୍ରୀଙ୍କୁ ଲକ୍ଷ୍ମୀ ରାଉରକେଲା ସରକାରୀ ସ୍ୱୟଂଶାସିତ ମହାବିଦ୍ୟାଳୟରେ ଅଧ୍ୟାପିକା ଚାକିରି ଦେବା ନାଁରେ ୩୦ଲକ୍ଷ ଟଙ୍କା ଠକି ନେଇଥିଲା । ବନ୍ଧମୁଣ୍ଡା ପୁଲିସ ତାକୁ ଗିରଫ କରିଥିଲା । ସେ କିଛିମାସ କାରାଗାରରେ ରହିଥିଲା । କାରାଗାରରୁ ବାହାରି ପୁଣି ଠକେଇ ଧନ୍ଦା ଚଳାଇଛି । ଅନ୍ୟପକ୍ଷରେ ଏହି ଠକେଇ ଘଟଣାରେ ଅଦାଲତ କର୍ମଚାରୀଙ୍କ ସମ୍ପୃକ୍ତି ଥିବା ସନ୍ଦେହ ପ୍ରକାଶ ପାଇଛି । କାରଣ ଲକ୍ଷ୍ମୀ ବିଭିନ୍ନ ସମୟରେ ଅଦାଲତରେ ଚକ୍କର କାଟୁଥିବା ଲୋକେ ଦେଖିଛନ୍ତି । ନିଯୁକ୍ତିପତ୍ର ଟାଇପିଂଠାରୁ ଆରମ୍ଭ କରି ପରିଚୟପତ୍ର ପ୍ରିଣ୍ଟିଂ, ସରକାରୀ ସିଲ ତିଆରି କରିଥିବା ଲୋକଙ୍କୁ ତଦନ୍ତ ପରିସରଭୁକ୍ତ କରିବାକୁ ଦାବି ହେଉଛି ।




## ଠକ ଦମ୍ପତିଙ୍କ କଳା ସାମ୍ରାଜ୍ୟର ଗୁମର ଖୋଲୁଛି

# ୧୨୦ କୋଟି ଟଙ୍କାର ହୋଇଛି କାରବାର

■ ନଜରରେ ବିଲ୍ଡର, ସୁନା ବ୍ୟବସାୟୀ ଓ ରାଜନେତା

■ ପୁଲିସଠାରୁ ତଥ୍ୟ ନେଲା ଇଡି

ଭୁବନେଶ୍ୱର, ୧୧ା୧(ଆ.ପ୍ର): ଗିରଫ ହାଇପ୍ରୋଫାଇଲ ଠକ ଦମ୍ପତି ହଂସିତା ଓ ଅନିଲ ମହାନ୍ତିଙ୍କ କଳା ସାମ୍ରାଜ୍ୟର ଗୁମର ଖୋଲୁଛି । କେମିତି ଠକେଇ କରୁଥିଲେ ତା'ର ଗୋଟିକ ପରେ ଗୋଟିଏ ତଥ୍ୟ ବାହାର କରୁଛି କମିସନରେଟ ପୁଲିସ । ସ୍ପେଶାଲ କ୍ରାଇମ ୟୁନିଟ ମାମଲାର ତଦନ୍ତ କରୁଛି । ଗୋଟିଏ ଦିନର ରିମାଣ୍ଡରେ ଅନେକ ତଥ୍ୟ ମିଳିଛି । ତଦନ୍ତ ଆଗକୁ ବଢ଼ିବାରେ ଏହି ତଥ୍ୟ ସହାୟକ ହେବ ବୋଲି ପୁଲିସ ଆୟୁକ୍ତ ସୁରେଶ ଦେବଦତ୍ତ ସିଂହ କହିଛନ୍ତି । ଠକ ଦମ୍ପତିଙ୍କ ବେଆଇନ ଆର୍ଥିକ କାରବାରକୁ ନେଇ ଆୟକର ବିଭାଗ ତଦନ୍ତ ଜାରି ରଖିଛି । ୪ ଦିନ ତଦନ୍ତରେ ଏକ କମ୍ପାନୀ ସହିତ ଠକ ଦମ୍ପତିଙ୍କ ଆକାଉଣ୍ଟରୁ ୧୨୦ କୋଟି ଟଙ୍କା କାରବାର ହୋଇଥିବା ଆୟକର ବିଭାଗ ଜାଣିବାକୁ ପାଇଛି । ଟିକସ ଫାଙ୍କିବା ଲାଗି କିଛି ଅର୍ଥ ନଗଦ କାରବାର ହୋଇଥିବା ତଦନ୍ତକାରୀ ସଂସ୍ଥା ସନ୍ଦେହ କରୁଛି । ଅନ୍ୟପଟେ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) ମାମଲାର ତଦନ୍ତ କରିବ ବୋଲି ଜଣାପଡ଼ିଛି । ଇଡିର ଏକ ଦଳ ଆଜି ପୁଲିସ ସେବା ଭବନରେ ପହଞ୍ଚି ମାମଲା ସଂକ୍ରାନ୍ତୀୟ ଦସ୍ତାବିଜ ନେଇଛନ୍ତି । ସେମାନଙ୍କ ବେହିସାବ ଅର୍ଥ କାରବାରର ଖୋଳତାଡ଼ କରିବାକୁ ଯୋଜନା କରିଛି । ଉଭୟଙ୍କୁ ପୁଣି ରିମାଣ୍ଡରେ ଆଣି ଜେରା କରିବା ଲାଗି କମିସନରେଟ ପୁଲିସ ଯୋଜନା କରିଛି ।

ଠକ ଦମ୍ପତିଙ୍କୁ କୋଟିପତି ହେବା ନିଶା ଘାରିଥିଲା । ଦୁଇ ବର୍ଷରେ ଆଖି ଖୋସିଲା ପରି ସମ୍ପତ୍ତି ଠୁଳ କରିଥିବା ପୁଲିସ ଓ ଆୟକର ବିଭାଗ ତଦନ୍ତରୁ ଜାଣିବାକୁ ପାଇଛନ୍ତି । ନିଜକୁ ଜଣେ ବିଶିଷ୍ଟ ବ୍ୟକ୍ତିଙ୍କ ପରିଚୟ ଦେଇ ସେମାନେ ବଡ଼ ବଡ଼ିଆଙ୍କ ପାଖକୁ ଯାଉଥିଲେ । ମଧ୍ୟସ୍ଥତା ସାଜି କାହାର ଟ୍ରାନ୍ସଫର କରିବା ଆଉ କାହାକୁ ଟେଣ୍ଡର ଦେବା ପରି କାମ କରୁଥିଲେ । ଏଥିପାଇଁ ସେମାନେ ମୋଟା ଅଙ୍କର ଟଙ୍କା ନେଉଥିଲେ । ସେହି ଟଙ୍କାରେ କୋଟି କୋଟି ଟଙ୍କାର କାର କିଣି ସାମାଜିକ ଗଣମାଧ୍ୟମରେ ପୋଷ୍ଟ କରୁଥିଲେ । ମଧ୍ୟବିତ୍ତ ପରିବାରରୁ ଆସିଥିବା ହଂସିତା କେଉଁ ଉପାୟରେ ଏତେ ସମ୍ପତ୍ତିର ମାଲିକ ହୋଇପାରିଲେ ତା'ର ଉତ୍ସ ଖୋଜୁଛନ୍ତି ତଦନ୍ତକାରୀ ସଂସ୍ଥା । ଉଭୟଙ୍କ ଠକେଇ ରାକେଟରେ ୮ରୁ ୧୦ ଜଣ ବିଲ୍ଡର, ୨ ଜଣ ସୁନା ବ୍ୟବସାୟୀ ଓ ରାଜନେତାଙ୍କ ସମ୍ପୃକ୍ତି ନେଇ ଆୟକର ବିଭାଗ ହାତରେ ତଥ୍ୟ ଲାଗିଛି । ଏପରିକି ୪ ଜଣ ଠିକାଦାରଙ୍କ ସମ୍ପୃକ୍ତି ଥିବା ନେଇ ଚର୍ଚ୍ଚା ଜୋର୍ ଧରିଛି । ଆୟକର ବିଭାଗ ଏବେସୁଦ୍ଧା ୭ଟି ଦାମୀ କାର୍, ୩୦୦ ଗ୍ରାମ୍‌ରୁ ଅଧିକ ସୁନା ଅଳଙ୍କାର ଓ ୪ଟି ଫ୍ଲାଟ ଜବତ କରିସାରିଛି । ଉଭୟଙ୍କ ସହିତ ସମ୍ପର୍କରେ ଥିବା ବ୍ୟବସାୟୀଙ୍କୁ ତଦନ୍ତ ପରିସରଭୁକ୍ତ କରିବା ପାଇଁ ଆୟକର ବିଭାଗ ଯୋଜନା କରିଛି ।

# ଟ୍ରାକର ଦେବ ଫ୍ଲେମିଙ୍ଗୋ ଠିକଣା

## ବିଦେଶୀ ପକ୍ଷୀଙ୍କ ଗୋଡ଼ରେ ଲାଗିଲା ଜିଏସ୍‌ଏମ୍-ଜିପିଏସ୍ ଟ୍ୟାଗିଂ

ଭୁବନେଶ୍ୱର,୧୧ା୧(ନି.ପ୍ର): ପ୍ରଥମ କରି ବିଦେଶୀ ପକ୍ଷୀଙ୍କ ଗତିବିଧି ଓ ପରିସ୍ଥାନ ସଂପର୍କରେ ଜାଣିବାକୁ ବନ ବିଭାଗ ଯୋଜନା ଆରମ୍ଭ କରିଛି । ଚିଲିକାକୁ ଆସିଥିବା ଦୁଇ ବିଦେଶୀ ପକ୍ଷୀଙ୍କ ଗୋଡ଼ରେ ଟ୍ରାକର ରିଙ୍ଗ ଲଗାଯାଇଛି । ଚିଲିକା ନଳବଣରୁ ଦୁଇଟି ଗ୍ରେଟର ଫ୍ଲେମିଙ୍ଗୋକୁ ଧରି ୩୦ ଗ୍ରାମ ଓଜନର ଏକ ସୌରଚାଳିତ ଟ୍ରାନ୍ସମିଟର ସହିତ ଟ୍ୟାଗ୍ କରାଯାଇଛି । ଡେରାଡୁନ୍‌ସ୍ଥିତ ବନ୍ୟପ୍ରାଣୀ ସଙ୍ଗଠନ ଭାରତୀୟ ବନ୍ୟପ୍ରାଣୀ ସଂସ୍ଥାନର ବରିଷ୍ଠ ବୈଜ୍ଞାନିକ ଆର. ସୁରେଶ କୁମାରଙ୍କ ନେତୃତ୍ୱରେ ଜିଏସ୍‌ଏମ୍-ଜିପିଏସ୍ (ଗ୍ଲୋବାଲ ସିଷ୍ଟମ୍ ଫର୍ ମୋବାଇଲ କମ୍ୟୁନିକେସନ୍ ଓ ଗ୍ଲୋବାଲ ପୋଜିସନିଂ ସିଷ୍ଟମ୍) ଟେକ୍ନୋଲୋଜି ସମ୍ବଳିତ ଏହି ଟ୍ରାକର ରିଙ୍ଗ୍ ଦୁଇ ପକ୍ଷୀଙ୍କ ଗୋଡ଼ରେ ଲଗାଯାଇ ଅନୁସନ୍ଧାନ ଆରମ୍ଭ ହୋଇଛି । ଏହା ଦ୍ୱାରା ପକ୍ଷୀଙ୍କ ଗତିବିଧିର ରିୟଲ ଟାଇମ୍ ଡାଟା ମିଳିପାରିବ ବୋଲି ଚିଲିକା ବନ୍ୟପ୍ରାଣୀ ବନଖଣ୍ଡର ବିଭାଗୀୟ ଅଧିକାରୀ କହିଛନ୍ତି ।

ପ୍ରତି ୧୦ ମିନିଟ୍‌ରେ ଏହି ଦୁଇ ଫ୍ଲେମିଙ୍ଗୋଙ୍କ ଉପସ୍ଥିତି ରେକର୍ଡ କରାଯାଉଛି । ଶୀତ ଋତୁରେ ଚିଲିକା ଜଳରାଶିରେ ଫ୍ଲେମିଙ୍ଗୋ ପକ୍ଷୀଙ୍କ ବିଚରଣ ପର୍ଯ୍ୟଟକଙ୍କ ପ୍ରମୁଖ ଆକର୍ଷଣ ପାଲଟିଛି । ସେମାନଙ୍କ ଚଳପ୍ରଚଳ ସହ ଅବସ୍ଥିତିକୁ ଅନୁଧ୍ୟାନ କରାଯାଉଛି । ଚିଲିକାକୁ ଆସୁଥିବା ଏହି ପକ୍ଷୀଙ୍କ ଠିକଣା ଏବଂ ସେମାନଙ୍କ ଗତିବିଧିକୁ ଜାଣିବାରେ ସହାୟକ ହୋଇପାରିଛି । ନମ୍ବରିଂ କରାଯିବା ସହ ପ୍ରଥମ ଦଫାରେ ପରୀକ୍ଷାମୂଳକ ଭାବେ ୧୦ଟି ଫ୍ଲେମିଙ୍ଗୋ ପକ୍ଷୀଙ୍କ ଗୋଡ଼ରେ ସାଟେଲାଇଟ୍ ଡିଭାଇସ୍‌ର ରିଙ୍ଗ ଲଗାଯିବ । ଏହାଦ୍ୱାରା ବିଦେଶୀ ପକ୍ଷୀଙ୍କ ଠିକଣା ଜଣାପଡ଼ିବ ବୋଲି ଆଶା ରଖିଛି ବିଭାଗ । ସାତଦରିଆ ଡେଇଁ ଲକ୍ଷାଧିକ ବିଦେଶାଗତ ପକ୍ଷୀ ଏଠାକୁ ଆସିଛନ୍ତି । କେଉଁ ପକ୍ଷୀ କେଉଁଠାରୁ ଆସିଛନ୍ତି ତାହା ଜଣାପଡୁ ନ ଥିଲେ ମଧ୍ୟ ପର୍ଯ୍ୟଟକଙ୍କ ଆକର୍ଷଣ ପାଲଟୁଛି । ବାରମ୍ବାର ପ୍ରୟାସ କରାଯିବା ସତ୍ତ୍ୱେ କିଛି ପକ୍ଷୀଙ୍କ ଆଗମନ ସ୍ଥଳ ସମ୍ପର୍କରେ ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗ କୌଣସି ଖବର ପାଇପାରୁନାହିଁ । ଯେଉଁଥିପାଇଁ ବିଭାଗ ଏଥର ଅଭିନବ ପନ୍ଥା ଆପଣାଇଛି ବୋଲି ପିସିସିଏଫ୍ ପ୍ରେମ କୁମାର ଝା କହିଛନ୍ତି ।

# ପାଳଗଦା ନିଆଁରେ ଜଳିଗଲେ ନାବାଳକ ମାମୁ-ଭଣଜା

## ମୃତକଙ୍କ ପରିବାରକୁ ୪ ଲକ୍ଷ ଲେଖାଏଁ ଅନୁକମ୍ପା ସହାୟତା ଘୋଷଣା

ବାଉଁଶୁଣି/ଜହ୍ନାପଙ୍କ,୧୧ା୧(ନି.ପ୍ର): ବୌଦ୍ଧ ଜିଲା ସଦର ବ୍ଲକ ମୁନ୍ଦିପଦର ପଞ୍ଚାୟତ ଅନ୍ତର୍ଗତ ବଲାକିରା ଗ୍ରାମରେ ଶନିବାର ରାତିରେ ଏକ ଅଭାବନୀୟ ଘଟଣା ଘଟିଛି । ପାଳଗଦାରେ ପୋଡ଼ି ହୋଇ ମାମୁ-ଭଣଜାଙ୍କ ମୃତ୍ୟୁ ହୋଇଛି । ଘଟଣା ନେଇ ବଲାକିରା ଗାଁରେ ଶୋକାକୁଳ ପରିବେଶ ସୃଷ୍ଟି ହୋଇଛି । ଏହି ଘଟଣାରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଗଭୀର ଶୋକପ୍ରକାଶ କରିବା ସହ ପରିବାରବର୍ଗଙ୍କୁ ସମବେଦନା ଜଣାଇଛନ୍ତି । ମୃତକଙ୍କ ପରିବାରକୁ ୪ ଲକ୍ଷ ଟଙ୍କା ଲେଖାଏଁ ଅନୁକମ୍ପାମୂଳକ ସହାୟତା ପ୍ରଦାନ କରିବାକୁ ଘୋଷଣା କରିଛନ୍ତି ।

ଖବର ଅନୁସାରେ, ବସନ୍ତବାହଲ ଗ୍ରାମର ସଞ୍ଜିତ ଉର୍ମାଙ୍କ ପୁଅ କ୍ରୀଷ୍ଣା ଉର୍ମା ନିଜ ମାମୁ ଘର ବଲାକିରାକୁ ୨/୩ ଦିନ ପୂର୍ବେ ବୁଲି ଆସିଥିଲେ । ଆଜି ସନ୍ଧ୍ୟାରେ ବଲାକିରା ଗ୍ରାମର ସୁବଳ ଭୋଇଙ୍କ ପୁଅ କ୍ରୀଷ୍ଣା ଭୋଇ(ମାମୁ)ଙ୍କ ସହ ପାଳ ଗଦା ନିକଟରେ ନିଆଁ ପୁଆଁଉଥିବାବେଳେ ପାଳଗଦାରେ ନିଆଁ ଲାଗି ଯାଇଥିଲା । ଉଭୟ ଭୟଭୀତ ହୋଇ ନିକଟରେ ଲୁଚି ଯାଇଥିଲେ । ହେଲେ ପାଳ ନିଆଁ ପ୍ରସାରିତ ହେବା ସହ ଉଭୟ ଦଗ୍ଧୀଭୂତ ହୋଇଥିଲେ । ଦୁଇ ସଂପର୍କରେ ମାମୁ-ଭଣଜା ବୋଲି ସୂଚନା ମିଳିଛି । ମୃତ ନାବାଳକଙ୍କ ଶବ ଜବତ କରି ବାଉଶୁଣି ପୁଲିସ ସ୍ଥାନୀୟ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଇଥିଲେ । ଘଟଣାସ୍ଥଳରେ ବାଉଁଶୁଣି ପୁଲିସ ତଦନ୍ତ ଜାରି ରଖିଛି । ରବିବାର ବୌଦ୍ଧ ଡାକ୍ତରଖାନାରେ ଶବ ବ୍ୟବଚ୍ଛେଦ କରାଯିବ ବୋଲି ସୂଚନା ମିଳିଛି ।

# ଅଣରାଜସ୍ୱ କାମ କରିବେନି ଆରଆଇ, ଅମିନ

ଭୁବନେଶ୍ୱର,୧୧ା୧(ଭୁ.ପ୍ର): ବିନା ବିଭାଗୀୟ ଅନୁମତିରେ ଆରଆଇ, ଏଆରଆଇ ଓ ଅମିନଙ୍କୁ ଅଣରାଜସ୍ୱ କାର୍ଯ୍ୟରେ ନିୟୋଜିତ କରାଯାଇପାରିବ ନାହିଁ । ଏ ସଂକ୍ରାନ୍ତରେ ସମ୍ପୃକ୍ତ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେବାକୁ ଜିଲାପାଳମାନଙ୍କୁ କୁହାଯାଇଛି । ରାଜସ୍ୱ ବିଭାଗର ଅତିରିକ୍ତ ସଚିବ ସମସ୍ତ ଜିଲାପାଳଙ୍କୁ ଚିଠି ମାଧ୍ୟମରେ ଏହା ଜଣାଇଛନ୍ତି । ଆବଶ୍ୟକ ପରିସ୍ଥିତିରେ ଜିଲାପାଳଙ୍କ ଅନୁମତି ନେବାକୁ ପଡ଼ିବ ବୋଲି ଚିଠିରେ ଉଲ୍ଲେଖ ଅଛି । ରାଜସ୍ୱ ନିରୀକ୍ଷକ (ଆରଆଇ), ସହକାରୀ ରାଜସ୍ୱ ନିରୀକ୍ଷକ (ଏଆରଆଇ) ଏବଂ ଅମିନ ଆଦି ରାଜସ୍ୱ କ୍ଷେତ୍ର ଅଧିକାରୀମାନଙ୍କୁ ଅଣରାଜସ୍ୱ କାର୍ଯ୍ୟରେ ନିୟୋଜିତ କରାଯାଉଛି । ଅନ୍ୟ ବିଭାଗର ଅଧିକାରୀଙ୍କ ଦ୍ୱାରା ବିଭିନ୍ନ ଅଣରାଜସ୍ୱ କାର୍ଯ୍ୟ ପାଇଁ ସେମାନଙ୍କୁ ନିର୍ଦ୍ଦେଶ ଦିଆଯାଉଛି । ତହସିଲଦାରଙ୍କ ଅଜାଣତରେ ଏପରି ନିର୍ଦ୍ଦେଶ ମିଳୁଛି । ଏପରିକି ଅନ୍ୟ ବିଭାଗର ଅଧିକାରୀମାନେ କାରଣ ଦର୍ଶାଅ ନୋଟିସ ମଧ୍ୟ ଜାରି କରୁଛନ୍ତି । ଏସବୁ ବିଷୟରେ ସମ୍ପୃକ୍ତ ତହସିଲଦାରଙ୍କ ପାଖରେ ଖବର ରହୁନାହିଁ । ବିଭିନ୍ନ ଅଣରାଜସ୍ୱ କାର୍ଯ୍ୟରେ ସେମାନେ ନିୟୋଜିତ ରହୁଥିବାରୁ ରାଜସ୍ୱ ପ୍ରଶାସନ ଅଧୀନରେ ସେବା ପ୍ରଦାନ ପ୍ରଭାବିତ ହେଉଛି । ଓଡ଼ିଶା ରାଜ୍ୟ ରାଜସ୍ୱ କ୍ଷେତ୍ର ଅଧିକାରୀ ସଂଘ ପକ୍ଷରୁ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗର ଅତିରିକ୍ତ ମୁଖ୍ୟ ସଚିବଙ୍କ ନିକଟରେ ଏ ସଂକ୍ରାନ୍ତରେ ଅଭିଯୋଗ କରାଯିବା ପରେ ବିଭାଗ ପକ୍ଷରୁ ଚିନ୍ତା ପ୍ରକଟ କରାଯାଇଛି ।

## କୋଇଲା ଖଣିରେ ଠିକା ସଂସ୍ଥାଙ୍କ ସ୍ୱେଚ୍ଛାଚାର

# ଏମ୍‌ସିଏଲ୍ ସହ ସମସ୍ତ ଖଣି କମ୍ପାନୀଙ୍କୁ କୈଫିୟତ ତଲବ

ଝାରସୁଗୁଡ଼ା,୧୧ା୧(ନି.ପ୍ର): ଏମସିଏଲରେ କାର୍ଯ୍ୟ କରୁଥିବା ଠିକା ସଂସ୍ଥାମାନେ ମନମାନି କରୁଛନ୍ତି । ଶ୍ରମିକମାନଙ୍କୁ ୧୨ ଘଣ୍ଟା କାମ କରାଉଛନ୍ତି । ଦରମା ଠିକ୍ ସମୟରେ ଦେଉନାହାନ୍ତି । ଶ୍ରମ ଆଇନ ଏବଂ କୋଲ ଇଣ୍ଡିଆ ନିୟମକୁ ମଧ୍ୟ ଉଲ୍ଲଙ୍ଘନ କରୁଛନ୍ତି । ମାସ ମାସ ଧରି ଠିକ୍ ସମୟରେ ଦରମା ନପାଇ ଶ୍ରମିକମାନେ ପରିବାର ପୋଷିବାକୁ ନେଇ ହଇରାଣ ହେଉଛନ୍ତି । ଚିଫ୍ ଭିଜିଲାନ୍ସ କମିସନ(ସିଭିସି)ଙ୍କ ନିକଟରେ ଏ ନେଇ ଅଭିଯୋଗ ହେବା ପରେ ଏବେ ଏମସିଏଲକୁ କୈଫିୟତ ମଗାଯାଇଛି । ଏମସିଏଲ ରାଜ୍ୟର ସମସ୍ତ କୋଇଲା ଖଣିର ଜିଏମ୍‌ମାନଙ୍କୁ କୈଫିୟତ ମାଗିଛନ୍ତି ।

ରାଜ୍ୟରେ କୋଇଲା ଖଣିମାନଙ୍କରେ ଟେଣ୍ଡର ନେଇ କାର୍ଯ୍ୟ କରୁଥିବା ଠିକ୍ ସଂସ୍ଥାମାନେ । ଶ୍ରମିକମାନଙ୍କୁ ୮ ଘଣ୍ଟା ବଦଳରେ ୧୨ ଘଣ୍ଟା ଖଟାଉଛନ୍ତି । ମାସେ ଦୁଇ ମାସ ଧରି ଦରମା ମଧ୍ୟ ଦେଉନାହାନ୍ତି । ପରିବାରକୁ ନେଇ ଅନ୍ୟ ଜିଲାରେ କାର୍ଯ୍ୟ କରୁଥିବା ଏହି ଶ୍ରମିକମାନେ ଠିକ୍ ସମୟରେ ଦରମା ନପାଇବାରୁ ବହୁ ଅସୁବିଧାରେ ପଡୁଛନ୍ତି । ଝାରସୁଗୁଡ଼ା ଏମସିଏଲ ଅଧୀନରେ କାର୍ଯ୍ୟ କରୁଥିବା ସମସ୍ତ ଠିକା ସଂସ୍ଥା ଏପରି କରୁଥିବା ବେଳେ ଶ୍ରମିକମାନେ ଧାରଣା ଓ ଦାବିପତ୍ର ଦେଇ ମଧ୍ୟ କୌଣସି ସୁଫଳ ପାଉନାହାନ୍ତି । ଏ ନେଇ ଆଇନଜୀବୀ ରମେଶ ତ୍ରିପାଠୀ ଚିଫ୍ ଭିଜିଲାନ୍ସ କମିସନଙ୍କ ନିକଟରେ ୨୦୨୪ ନଭେମ୍ବର ୨୨ ତାରିଖରେ ଅଭିଯୋଗ କରିଥିଲେ । ସିଭିସି ଏହି ଅଭିଯୋଗକୁ ଗ୍ରହଣ କରିବା ସହିତ ଏମସିଏଲକୁ କୈଫିୟତ ମାଗିଛି । ଠିକା ସଂସ୍ଥାମାନଙ୍କରେ କାର୍ଯ୍ୟ କରୁଥିବା ଶ୍ରମିକମାନଙ୍କର ଦରମା ୧୦ ତାରିଖ ମଧ୍ୟରେ ଦିଆଯାଉଛି କି ନାହିଁ । ବେତନ ଆକ୍ଟ ଅନୁସାରେ ଦିଆଯାଉଛି କି ନାହିଁ, ତାହାର ରିପୋର୍ଟ ଦେବାକୁ କୁହାଯାଇଛି । ଏହାସହ ଦିଆଯାଉଥିବା ବେତନର ତାରିଖ ଗୁଡ଼ିକ ଦାଖଲ କରିବାକୁ କୁହାଯାଇଛି । ଠିକା ସଂସ୍ଥାମାନେ ଠିକ୍ ସମୟରେ ଦରମା ଦେଉଛନ୍ତି କି ନାହିଁ, ତାହାର ତଦାରଖ ଏମସିଏଲ କରିବା କଥା । ଏମସିଏଲ ଏହା କରିଛି ନା ନାହିଁ । ଠିକା ସଂସ୍ଥାମାନଙ୍କର ମାସିକ ଦରମାର ରିପୋର୍ଟକୁ କ୍ଲିପ୍ ପୋର୍ଟାଲରେ ଦାଖଲ କରୁଛନ୍ତି କି ନାହିଁ । ଉପସ୍ଥାନ ଖାତାକୁ ମଧ୍ୟ ଠିକ୍ ସଂସ୍ଥାମାନେ ଠିକ୍ ଭାବରେ ପ୍ରସ୍ତୁତ କରୁଛନ୍ତି କି ନାହିଁ । ଆବଶ୍ୟକ ଅନୁଯାୟୀ ଶ୍ରମିକ ଠିକା ସଂସ୍ଥାମାନେ ନିୟୋଜିତ କରୁଛନ୍ତି କି ନାହିଁ । ଠିକା ସଂସ୍ଥାର ଉପସ୍ଥାନ ଖାତା, ଦରମା ଖାତା, ବ୍ୟାଙ୍କ ପେମେଣ୍ଟ ସାର୍ଟିଫିକେଟ, କ୍ଲିପ୍ ପୋର୍ଟାଲ ଅପଲୋଡ୍ ସୂଚନା, ସିଏମପିଏଫ୍‌ରେ ଜମା କରିବାର ପ୍ରମାଣ ଆଦି ଶ୍ରମିକ ବିଭାଗରେ ଦାଖଲ କରୁଛନ୍ତି କି ନାହିଁ । ଏସବୁ ଠିକା ସଂସ୍ଥାମାନେ କରୁଛନ୍ତି କି ନାହିଁ, ତାହାର ରିପୋର୍ଟ ଏମସିଏଲକୁ ସିଭିସି ଚିଠି ମାଧ୍ୟମରେ ନିର୍ଦ୍ଦେଶ ଦେଇଛି ।

ଏମସିଏଲ ଅଧୀନରେ ଥିବା ରାଜ୍ୟର ସମସ୍ତ କୋଲିଲା ଖଣିର ଜିଏମ୍ ଯଥା ଜଗନ୍ନାଥ, ଲିଙ୍ଗରାଜ, ହିଙ୍ଗୁଳା, ଭରତପୁର, କଣିହା, ତାଳଚେର, ଲଖନପୁର, ବଳଭଦ୍ର, ଓରିଏଣ୍ଟ, ଇବ୍ ଭ୍ୟାଲି, ବସୁନ୍ଧରା, ମହାଲକ୍ଷ୍ମୀ, ସୁଭଦ୍ରା, ସିଡବ୍ଲୁସି(ଏକ୍ସ), ତାଳଚେର ସିଡବ୍ଲୁସି(ଏକ୍ସ) ଆଦିଙ୍କୁ କୈଫିୟତ ମଗାଯାଇଛି ।

# କମ୍ ଫସଲ ଦେଖି ଜମିରେ ଟଳି ପଡ଼ିଲେ ଚାଷୀ

ଛତ୍ରପୁର, ୧୧ା୧(ନି.ପ୍ର):ଅଦିନିଆ ବର୍ଷାରେ ଫସଲ କ୍ଷତିକୁ ନେଇ ଆଉ ଜଣେ ଚାଷୀଙ୍କ ଜୀବନ ଯାଇଛି । ଫସଲ ନଷ୍ଟ ଓ କରଜ ସହ୍ୟ ନକରିପାରି ଭାଗଚାଷୀ ବନମାଳୀ ପେଣ୍ଡେଇ ଆତ୍ମହତ୍ୟା କରିବାର ୧୫ ଦିନ ପରେ ଆଶାଠାରୁ ବହୁତ୍ କମ ଧାନ ଅମଳ ହେବା ଦେଖି ଜମିରେ ଟଳି ପଡ଼ିଛନ୍ତି ଆଉ ଜଣେ ଚାଷୀ । ଛତ୍ରପୁର ବିପୁଳିଙ୍ଗି ପଞ୍ଚାୟତ କତୁରୁ ଗ୍ରାମର ପି.ଈଶ୍ୱର ରେଡ୍ଡି(୭୧) । ଫସଲ ନଷ୍ଟ ହୋଇଥିବାରୁ ଈଶ୍ୱର କିଛିଦିନ ହେଲା ଚିନ୍ତାରେ ଥିଲେ । ଶୁକ୍ରବାର ଜମିରେ ଫସଲ ଅମଳ କାମ ଚାଲିଥିଲା; ତେବେ ଜମିରୁ ଯେତିକି ଧାନ ଫସଲ ଅମଳ ଆଶା ରଖିଥିଲେ ତାହାଠାରୁ ବହୁତ କମ ଅମଳ ହେବା ଦେଖି ଈଶ୍ୱର ଜମିରେ ଚେତାଶୁନ୍ୟ ହୋଇ ପଡ଼ିଯାଇଥିଲେ । ତାଙ୍କୁ ପ୍ରଥମେ ଛତ୍ରପୁର ଡାକ୍ତରଖାନାକୁ ନିଆଯାଇଥିଲା । ଅଧିକ ଚିକିତ୍ସା ପାଇଁ ତାଙ୍କୁ ବ୍ରହ୍ମପୁର ବଡ଼ମେଡ଼ିକାଲ ଏବଂ ପରେ ଭୁବନେଶ୍ୱରକୁ ନିଆଯାଇଥିଲା । ଶୁକ୍ରବାର ରାତିରେ ଈଶ୍ୱରଙ୍କୁ ଡାକ୍ତର ମୃତ ଘୋଷଣା କରିଥିଲେ ବୋଲି ତାଙ୍କ ପୁଅ କହିଛନ୍ତି । ଈଶ୍ୱର ନିଜର ୩ ଏକର ଓ ଅନ୍ୟର ୨ ଏକର ସମେତ ମୋଟ ୫ ଏକର ଜମିରେ ଫସଲ କରିଥିଲେ । ସେ ବିପୁଳିଙ୍ଗି ବ୍ୟାଙ୍କ ଅଫ ଇଣ୍ଡିଆରୁ ୭୦ ହଜାର, ସମବାୟ ବ୍ୟାଙ୍କରୁ ୯୫ ହଜାର ଓ ୧ ଲକ୍ଷ ଟଙ୍କା ହାତଉଦ୍ଧାରି ଉଦ୍ଧାର ଆଣି ଚାଷ କରିଥିଲେ । କିପରି ଏହି ଋଣ ନେଇ ଈଶ୍ୱର ଚିନ୍ତାରେ ରହୁଥିବା ଗ୍ରାମବାସୀ ଜି. ଘନଶ୍ୟାମ ରେଡ୍ଡି, ଜି.ଦୁର୍ଯ୍ୟୋଧନ ରେଡ୍ଡି କହିଛନ୍ତି । ମୃତକ ସୋସାଇଟିରେ ଧାନ ବିକ୍ରି ପାଇଁ ୬ ତାରିଖରେ ଟୋକନ ମଧ୍ୟ ପାଇଥିଲେ । ଟୋକନରେ ୭୪.୧୧ କୁଇଣ୍ଟାଲ ଧାନ ବିକ୍ରି ପାଇଁ ତାଙ୍କୁ ସୂଚନା ଆସିଥିଲା ।

ଶ୍ରୀଜଗନ୍ନାଥଙ୍କ ହୁଣ୍ଡିରୁ ଆୟ

୧୧।୧।୨୦୨୫



୭,୦୫,୪୭୪ ଟଙ୍କା


**MCL ମହାନଦୀ କୋଲ୍‌ଫିଲଡ୍‌ସ ଲିମିଟେଡ୍**
(କୋଲ୍ ଇଣ୍ଡିଆ ଲିମିଟେଡ୍‌ର ଏକ ସହାୟକ କମ୍ପାନୀ)
ଜାଗୃତି ବିହାର, ବୁର୍ଲା- ୭୬୮୦୨୦, ଜିଲା-ସମ୍ବଲପୁର, ଓଡ଼ିଶା
ଫୋନ୍ ନଂ- (ଇପିବିଏକ୍ସ)- ୦୬୬୩-୨୫୪୨୪୬୧ ରୁ ୪୬୯
ୱେବସାଇଟ୍ : www.mahanadicoal.in

**ବିଜ୍ଞପ୍ତି**

**ବିଷୟ: ସିପିଆର୍‌ଏମ୍‌ଏସ୍-ଏନ୍‌ଇ (ସଂଶୋଧିତ)ର ସଦସ୍ୟ ହେବାର ସମୟସୀମାରେ ବୃଦ୍ଧି ।**

କୋଲ୍ ଇଣ୍ଡିଆ ଲିମିଟେଡ୍ ତଥା ଏହାର ସହାୟକ କମ୍ପାନୀର ସମସ୍ତ ଅଣ-କାର୍ଯ୍ୟନିର୍ବାହୀ କ୍ୟାଡର କର୍ମଚାରୀ, କୌଣସି କାରଣରୁ ଯେଉଁମାନେ ଏପର୍ଯ୍ୟନ୍ତ ସିପିଆର୍‌ଏମ୍‌ଏସ୍-ଏନ୍‌ଇ (ସଂଶୋଧିତ)ର ସଦସ୍ୟ ହୋଇନାହାନ୍ତି, ସେମାନେ ମଧ୍ୟ ଶେଷ ପର୍ଯ୍ୟାୟରେ ୩୧.୦୩.୨୦୨୫ ସମୟ ଅବଧି ମଧ୍ୟରେ ନିଜର ପତି-ପତ୍ନୀ ସହିତ ସିପିଆର୍‌ଏମ୍‌ଏସ୍-ଏନ୍‌ଇ (୨୦୧୪) କିମ୍ବା ସିପିଆର୍‌ଏମ୍‌ଏସ୍-ଏନ୍‌ଇ (ସଂଶୋଧିତ)ଅନୁସାରେ ପୂର୍ବରୁ ଜମା କରାଯାଇଥିବା ରାଶି ସହିତ ମୋଟ ଟ. ୬୦,୦୦୦/- ରାଶି ଜମା କରି ଅନ୍ୟାନ୍ୟ ସର୍ତ୍ତାବଳୀ ପୂରଣ ସହ ସଦସ୍ୟ ହୋଇପାରିବେ । ଯୋଗ୍ୟ ହିତାଧିକାରୀଙ୍କ ଦିବ୍ୟାଙ୍ଗ ସନ୍ତାନମାନେ ମଧ୍ୟ ସଦସ୍ୟତା ଅଂଶଧନ ଜମା କରି ଏହି ଯୋଜନାରୁ ସଦସ୍ୟ ହୋଇପାରିବେ । କୌଣସି ପରିସ୍ଥିତିରେ ମଧ୍ୟ ଏହାର ତାରିଖ ବୃଦ୍ଧି କରାଯିବ ନାହିଁ ।

ସ୍ୱା/-
ମହାପ୍ରବନ୍ଧକ (ଔଦ୍ୟୋଗିକ ସମ୍ବନ୍ଧ)

R-5237


# ମୁରଲୀଧର ରଥ ପାଇବେ ଗ୍ଲୋରି ଅଫ୍ ଇଣ୍ଡିଆ ଆୱାର୍ଡ-୨୦୨୫

ଭୁବନେଶ୍ୱର,୧୧ା୧(ଭୁ.ପ୍ର): ବରିଷ୍ଠ ସାମାଜିକ କର୍ମୀ ତଥା ରାଜନୀତିଜ୍ଞ ମୁରଲୀଧର ରଥ ସମ୍ମାନଜନକ ଗ୍ଲୋରି ଅଫ୍ ଇଣ୍ଡିଆ ଆୱାର୍ଡ-୨୦୨୫ ପାଇବାକୁ ମନୋନୀତ ହୋଇଛନ୍ତି । ଆସନ୍ତା ୧୬ ତାରିଖରେ ନୂଆଦିଲ୍ଲୀର ଇଣ୍ଡିଆ ହାବିଟାଟ ସେଣ୍ଟରଠାରେ ଇଣ୍ଡିଆନ ଆଚିଭର୍ସ ଫୋରମ୍ ପକ୍ଷରୁ ଆୟୋଜିତ ହେବାକୁ ଥିବା 'ମିଶନ ବିକଶିତ ଭାରତ ୨୦୪୭' ଜାତୀୟ ସମ୍ମିଳନୀରେ ୯୨ ବର୍ଷୀୟ ମୁରଲୀଧରଙ୍କୁ ଏହି ସମ୍ମାନ ପ୍ରଦାନ କରାଯିବ । ଜଗତସିଂହପୁର ଜିଲା ତିର୍ତ୍ତୋଲ ବ୍ଲକ ଅନ୍ତର୍ଗତ ଚାନ୍ଦୋଳ ଗ୍ରାମର ମୂଳବାସିନ୍ଦା ମୁରଲୀଧର ଏହି ସମ୍ମାନ ପାଇଁ ମନୋନୀତ ହେବାରେ ପ୍ରଥମ ଓଡ଼ିଆ । ରାଷ୍ଟ୍ର ଗଠନରେ ଅତୁଳନୀୟ ଅବଦାନ ପାଇଁ ତାଙ୍କୁ ଏହି ପୁରସ୍କାର ପ୍ରଦାନ କରାଯିବାକୁ ସ୍ଥିର ହୋଇଛି ବୋଲି ଇଣ୍ଡିଆନ୍ ଆଚିଭର୍ସ ପକ୍ଷରୁ କୁହାଯାଇଛି ।